## ପ୍ରେସ୍ ନୋଟ୍

## ବାଲିପଟା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରୁ ଚିହ୍ନଟ ହେଲେ ୧୦ ଜଣ କରୋନା ଆକ୍ରାନ୍ତ ।

## ଜନସାଧାରଣ ଧୈର୍ଯ୍ୟର ସହ କରୋନାର ମୁକାବିଲା କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ ।

ଅନୁଗୋଳ, ତା.୦୭.୧୨:- ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗଠିତ ଦଳ ଆଜି ସ୍ୱାଭାବିକ ଭାବେ ବିଭିନ୍ନ ବିଦ୍ୟାଳୟ ଓ ଛାତ୍ରାବାସରେ କରୋନା ସ୍କ୍ରିନିଂ ଚାଲୁ ରଖିଥିବାବେଳେ ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ବାଲିପଟା ପଞ୍ଚାୟତ ଉଚ୍ଚ ଆବାସିକ ବିଦ୍ୟାଳୟର ଛାତ୍ରୀ ନିବାସରୁ ୧୦ ଜଣ ଝିଅ ଆଣ୍ଟିଜେନ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଛନ୍ତି । ୬୩ଜଣ ଝିଅଙ୍କର ସ୍କ୍ରିନିଂ ହୋଇଥିଲା ଓ ସେଥିରୁ ୧୦ଜଣ ପଜିଟିଭ ବାହାରିଛନ୍ତି ଏବଂ ସେମାନଂକୁ ଆର ଟି ପି ସି ଆର ଟେଷ୍ଟ କରିବା ସହ ସଂଗରୋଧରେ ରଖାଯାଇଛି । ଏହା ସହିତ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ଆବାସିକ ଓ ଅଣଆବାସିକ ବିଦ୍ୟାଳୟରେ ଆର ଟି ପି ସି ଆର ପରିକ୍ଷା କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମସ୍ତ ଆବାସିକ ବିଦ୍ୟାଳୟରେ ୧୦ ଦିନରେ ଥରେ ଓ ଅଣ-ଆବାସିକ ବିଦ୍ୟାଳୟ ଗୁଡିକରେ ମାସକୁ ଥରେ ପରିକ୍ଷା କରାଯିବ । ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟୀକା ନେବା ସହ ଯେଉଁମାନେ ୧୮ ବର୍ଷରୁ କମ୍ ସେମାନେ କୋଭିଡର ସମସ୍ତ ନିୟମାବଳୀ ଯଥା- ମାସ୍କ ପରିଧାନ କରିବା, ସାମାଜିକ ଦୁରତା ଅବଲମ୍ବନ କରିବା ଓ ହାତକୁ ସାବୁନ୍‌ରେ ପରିଷ୍କାର ଧୋଇବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଟୀକାକରଣ କାର୍ଯ୍ୟ ତ୍ୱରାନ୍ୱିତ ଭାବେ ଚାଲିଛି । ଏହା ସହିତ Jenome sequencing ପାଇଁ ଭୁବନେଶ୍ୱର ପଠାଯାଉଛି । ଯେତିକି ପଜିଟିଭ ବାହାରିବେ ତାର ଶତକଡା ୫ଭାଗ ପାଇଁ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସକୁ ପଠାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି ।

କୋଭିଡ ପରିକ୍ଷା,ଟୀକାକରଣ, ବିଶୋଧନ ଓ ଅନ୍ୟାନ୍ୟ ସମସ୍ତ ପ୍ରକାର କରୋନା ପ୍ରତିରୋଧ ବ୍ୟବସ୍ଥାକୁ କଡାକଡି କରାଯାଉଛି । ଜନସାଧାରଣ ବ୍ୟସ୍ତ ବିବ୍ରତ ନ ହୋଇ ଏହି କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି ।